रजिस्ट्री सं डी-221

REGISTERED No. D-221
ରେଜିଷ୍ଟ୍ରି ସଂ. ଡି-221

(12)

सत्यमेव जयते

# भारत का राजपत्र
# The Gazette of India
# ଭାରତର ଗେଜେଟ

**असाधारण**
**EXTRAORDINARY**
**ଅସାଧାରଣ**

**भाग XIII—अनुभाग I**
**Part XIII—Section I**
**ଭାଗ XIII— ଖଣ୍ଡ I**

**प्राधिकार से प्रकाशित**
**PUBLISHED BY AUTHORITY**
**ପ୍ରାଧିକାର ଦ୍ୱାରା ପ୍ରକାଶିତ**

राजभाषा खण्ड
विधायी विभाग
विधायी II अनुभाग
डा० सं० 977/91
तारीख 15/7/91

| | | | | | | |
|---|---|---|---|---|---|---|
| No 1, | NEW DELHI, | TUESDAY, | MAY 8, | 1990/BAISAKH 18, | 1912 | (SAKA) VOL I |
| ସଂ. 1, | ନୂଆଦିଲ୍ଲୀ, | ମଙ୍ଗଳବାର, | ମଇ 8, | 1990/ବୈଶାଖ 18, | 1912 | (ଶକ) ଗ୍ରନ୍ଥଖଣ୍ଡ 1 |

## MINISTRY OF LAW AND JUSTICE

**(Legislative Department)**

*New Delhi, Dated the 8th May, 1990/18 Baisakh, 1912 (Saka)*

The translation in Oriya of the following—

(1) The Government Seal Act, 1862 (2) The Judicial Officers Protection Act, 1850 (3) The Indian Law Reports Act, 1875 (4) The Anand Marriage Act, 1909 (5) The Hindu Marriage (Validation of Proceedings) Act, 1960 (6) The Indian Matrimonial Causes (War Marriages) Act, 1948 (7) The Marriages' Validation Act, 1892 (8) The Local Authorities Pensions and Gratuities Act, 1919 (9) The Cutchi Memons Act, 1938 (10) The Unclaimed Deposits Act, 1866 (11) The Santhal Parganas Act, 1857 (12) The Hindu Gains of Learning Act, 1930 (13) The Arya Marriage Validation Act, 1937 (14) The Hindu Inheritance (Removal of Disabilities) Act, 1928 (15) The Child Marriage Restraint Act, 1929 (16) The Kazis Act, 1880 (17) The Dissolution of Muslim Marriages Act, 1939 (18) The Hindu Disposition of Property Act, 1916 (19) The Oriental Gas Company

(20) The Bengal Bonded Warehouse Association (21) The Caste Disabilities Removal Act, 1850 (22) The Dowry Prohibition Act, 1961 are hereby published under the authority of the President and shall be deemed to be the Authoritative Text thereof in Oriya under Clause (*a*) of Section 2 of the Authoritative Texts (Central Laws) Act, 1973 (50 of 1973).

## ବିଧି ଓ ନ୍ୟାୟ ମନ୍ତ୍ରାଳୟ

### (ବିଧାୟୀ ବିଭାଗ)

ନୂଆଦିଲ୍ଲୀ, 8 ମଇ, 1990/18 ବୈଶାଖ, 1912 (ଶକ)

(1) ଦି ଗଭର୍ଣ୍ଣମେଣ୍ଟ ସିଲ୍ ଏକ୍ଟ, 1862 (2) ଦି ଜୁଡ଼ିଶ୍ୟାଲ୍ ଅଫିସାରସ୍ ପ୍ରୋଟେକ୍ଶନ୍ ଏକ୍ଟ, 1850 (3) ଦି ଇଣ୍ଡିଆନ୍ ଲ ରିପୋର୍ଟସ୍ ଏକ୍ଟ, 1875 (4) ଦି ଆନନ୍ଦ ମ୍ୟାରିଜ୍ ଏକ୍ଟ, 1909 (5) ଦି ହିନ୍ଦୁ ମ୍ୟାରେଜେସ (ଭ୍ୟାଲିଡ଼େସନ ଅଫ୍ ପ୍ରୋସିଡ଼ିଙ୍ଗ୍ସ) ଏକ୍ଟ, 1960 (6) ଦି ଇଣ୍ଡିଆନ୍ ମାଟ୍ରିମୋନିୟାଲ୍ କଜେସ୍ (ୱାର ମ୍ୟାରିଜସ୍) ଏକ୍ଟ, 1948 (7) ଦି ମ୍ୟାରିଜସ୍ ଭଲିଡ଼େସନ ଏକ୍ଟ, 1892 (8) ଦି ଲୋକାଲ ଅଥରିଟିଜ୍ ପେନ୍ସନ ଆଣ୍ଡ ଗ୍ରାଚ୍ୟୁଟିଜ୍ ଏକ୍ଟ, 1919 (9) ଦି କଛି ମେମନ୍ସ ଏକ୍ଟ, 1938 (10) ଦି ଅନକ୍ଲେମଡ଼ ଡ଼ିପୋଜିଟ୍ସ ଏକ୍ଟ, 1866 (11) ଦି ସାନ୍ତାଲ ପରଗଣାସ୍ ଏକ୍ଟ, 1857 (12) ଦି ହିନ୍ଦୁ ଗେନ୍ସ ଅଫ୍ ଲର୍ଣିଂଙ୍ଗ ଏକ୍ଟ, 1930 (13) ଦି ଆର୍ଯ୍ୟମ୍ୟାରିଜ୍ ଭ୍ୟାଲିଡ଼େସନ ଏକ୍ଟ, 1937 (14) ଦି ହିନ୍ଦୁ ଇନ୍ହେରିଟାନ୍ସ (ରିମୁଭଲ୍ ଅଫ୍ ଡ଼ିସ୍-ୟାବିଲ୍ଟିଜ୍) ଏକ୍ଟ, 1928 (15) ଦି ଗୁଇଲଡ଼ ମ୍ୟାରିଜ୍ ରେଷ୍ଟ୍ରେଣ୍ଟ୍ ଏକ୍ଟ, 1929 (16) ଦି କାଜିସ୍ ଏକ୍ଟ, 1880 (17) ଦି ଡ଼ିସ୍-ସଲିଉଶନ୍ ଅଫ୍ ମୁସଲିମ୍ ମ୍ୟାରିଜସ୍ ଏକ୍ଟ, 1939 (18) ଦି ହିନ୍ଦୁ ଡ଼ିସ୍ପଜିସନ୍ ଅଫ୍ ପ୍ରପର୍ଟି ଏକ୍ଟ, 1916 (19) ଦି ଓରିଏଣ୍ଟାଲ ଗ୍ୟାସ୍ କମ୍ପାନୀ (20) ଦି ବେଙ୍ଗଲ ବଣ୍ଡେଡ୍ ଓ୍ୟାର ହାଉସ୍ ଆସୋସିଏସନ (21) ଦି କ୍ୟାଷ୍ଟ ଡ଼ିସୟାବିଲିଟିଜ୍ ରିମଭ୍ୟାଲ୍ ଏକ୍ଟ, 1850 (22) ଦି ଡ଼ାଉରୀ ପ୍ରୋହିବିସନ ଏକ୍ଟ, 1961 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନଯାୟୀ ଏତଦ୍ୱାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50) ର ଧାରା 2ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ନ୍ୟାୟିକ ଅଧିକାରୀଙ୍କ ସଂରକ୍ଷଣ ଅଧିନିୟମ, 1850

## 1850ର ଅଧିନିୟମ ସଂ 18

### ନ୍ୟାୟିକ ଅଧିକାରୀମାନଙ୍କର ସଂରକ୍ଷଣ ପାଇଁ ଏକ ଅଧିନିୟମ

[4 ଅପ୍ରେଲ, 1850]

*ଉଦ୍ଦେଶିକା*

ନ୍ୟାୟିକ ଭାବରେ କାର୍ଯ୍ୟ କରୁଥିବା ମାଜିଷ୍ଟ୍ରେଟ ଓ ଅନ୍ୟମାନଙ୍କର ଅଧିକତର ସଂରକ୍ଷଣ ପାଇଁ ନିମ୍ନମତେ ଅଧିନିୟମିତ ହେଲା:—

*ନ୍ୟାୟିକ ଭାବରେ କାର୍ଯ୍ୟ କରୁଥିବା ଅଧିକାରୀମାନେ ସଦ୍‌ଭାବପୂର୍ବକ କରିଥିବା ସରକାରୀ କାର୍ଯ୍ୟ ପାଇଁ ତଥା ଓ୍ୱାରେଣ୍ଟ ବା ଆଦେଶକୁ କାର୍ଯ୍ୟକାରୀ କରିଥିବା ଅଧିକାରୀମାନେ ମକଦ୍ଦମା ପାଇଁ ଦାୟୀ ହେବେ ନାହିଁ ।*

**1.** ନ୍ୟାୟିକ ଭାବରେ କାର୍ଯ୍ୟ କରୁଥିବା ନ୍ୟାୟାଧୀଶ, ମାଜିଷ୍ଟ୍ରେଟ, ଜଷ୍ଟିସ ଅଫ ଦ ପିସ, କଲେକ୍ଟର, କିମ୍ବା ଅନ୍ୟବ୍ୟକ୍ତି ତାଙ୍କର ନ୍ୟାୟିକ କର୍ତ୍ତବ୍ୟ ନିର୍ବାହ କରିବାବେଳେ ତାଙ୍କର ଅଧିକାରିତାର ସୀମା ମଧ୍ୟରେ ହେଉ ବା ନହେଉ କୌଣସି କାର୍ଯ୍ୟ କରିଥିବା ପାଇଁ ବା ସେହି କାର୍ଯ୍ୟ କରାଯିବା ନିମିତ୍ତ ଆଦେଶ ଦେଇଥିବା ପାଇଁ ତାଙ୍କ ବିରୁଦ୍ଧରେ କୌଣସି ସିଭିଲ ନ୍ୟାୟାଳୟରେ ମକଦ୍ଦମା ଆଗତ କରାଯିବ ନାହିଁ : ପରନ୍ତୁ ଯେଉଁ କାର୍ଯ୍ୟ ବିରୁଦ୍ଧରେ ଅଭିଯୋଗ ହୋଇଥାଏ ସେ ତାହାକୁ କରିବା ପାଇଁ ବା କରାଯିବା ସକାଶେ ଦେବା ଆଦେଶ ପାଇଁ ସେ ସମୟରେ ତାହାଙ୍କର ଅଧିକାରିତା ଥିଲା ବୋଲି ସଦ୍‌ଭାବପୂର୍ବକ ବିଶ୍ୱାସ କରିଥିବେ ; ଏବଂ ନ୍ୟାୟିକ ଭାବରେ କାର୍ଯ୍ୟ କରୁଥିବା ଏପରି କୌଣସି ନ୍ୟାୟାଧୀଶ, ମାଜିଷ୍ଟ୍ରେଟ, ଜଷ୍ଟିସ ଅଫ ଦ ପିସ, କଲେକ୍ଟର ବା ଅନ୍ୟ ବ୍ୟକ୍ତି ନିଜର ଅଧିକାରିତା ମଧ୍ୟରେ ଦେଇଥିବା କୌଣସି ବିଧିସମ୍ମତ ଓ୍ୱାରେଣ୍ଟ ବା ଆଦେଶକୁ ନିଷ୍ପାଦନ କରିବା ସକାଶେ କୌଣସି ନ୍ୟାୟାଳୟର ଯେଉଁ ଅଧିକାରୀ ବା ଅନ୍ୟ ଯେଉଁ ବ୍ୟକ୍ତି ବାଧ୍ୟ, ସେ ସେହି ଓ୍ୱାରେଣ୍ଟ ବା ଆଦେଶକୁ ନିଷ୍ପାଦନ କରିଥିବା ନେଇ ତାହାଙ୍କ ବିରୁଦ୍ଧରେ କୌଣସି ସିଭିଲ ନ୍ୟାୟାଳୟରେ କୌଣସି ମକଦ୍ଦମା ଆଗତ କରାଯିବ ନାହିଁ ।